# NATIONAL NEWS BULLETIN (ODIA)

**25 July- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀ ଦଳର ହଟ୍ଟଗୋଳ ଯୋଗୁଁ ସଂସଦର ଉଭୟ ଗୃହର କାର୍ଯ୍ୟ ବାଧାପ୍ରାପ୍ତ

–ଲୋକସଭା ଅପରାହ୍ନ ୨ଟାଯାଏ ଓ ରାଜ୍ୟସଭା ଆଜି ଦିନକ ପାଇଁ ମୁଲତବୀ ଘୋଷଣା

- ଦୁଇ ରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ମାଳଦୀପରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ

–ଆଜି ହେବ ଭାରତ-ମାଳଦୀପ ଦ୍ୱିପାକ୍ଷିକ ଆଲୋଚନା

- ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ନିଷିଦ୍ଧ ସାମଗ୍ରୀ ସଂପର୍କିତ ପ୍ରଚାର ପ୍ରସାର ଅଭିଯୋଗରେ ୨୫ଟି ୱେବ୍‌ସାଇଟ୍‌କୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ

ଏବଂ

- ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟମ୍ୟାଚ୍‌ର ଆଜି ତୃତୀୟ ଦିନରେ ୨୨୫ ରନ୍‌ରୁ ବ୍ୟାଟିଂ ଜାରି ରଖିବ ଇଂଲଣ୍ଡ

## ଲୋକସଭା–ଆଡଜର୍ଣ୍ଣ

ବିଭିନ୍ନ ପ୍ରସଙ୍ଗରେ ଆଲୋଚନା ଦାବି କରି ବିରୋଧୀ ଦଳର ହଟ୍ଟଗୋଳ ଯୋଗୁଁ  ଲୋକସଭା ଅଧିବେଶନକୁ ଆଜି ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି । ପୂର୍ବାହ୍ନ ୧୧ଟାରେ ଲୋକସଭାର କାର୍ଯ୍ୟ ଆରମ୍ଭ ହେବା ମାତ୍ରେ କାର୍ଗିଲ୍ ବିଜୟ ଦିବସର ୨୬ତମ ବାର୍ଷିକୀ ପାଳନ ଅବ୍ୟବହିତ ପୂର୍ବରୁ  ଗୃହ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଲୋକସଭା ବାଚସ୍ପତି ଓମ୍ ବିର୍ଲା ଦେଶ ପାଇଁ ବଳିଦାନ ଦେଇଥିବା ଭାରତୀୟ ସେନା ବାହିନୀର ଯୋଦ୍ଧା ଯବାନମାନଙ୍କୁ ସ୍ମରଣ କରିଥିଲେ । କାର୍ଗିଲ୍‌ରୁ ଶତ୍ରୁପକ୍ଷକୁ ନିପାତ କରି ପ୍ରତିକୂଳ ପାଗ ସତ୍ତ୍ୱେ ଯୁଦ୍ଧ ଅଭିଯାନ ଜାରି ରଖିବାରେ ଭାରତୀୟ ସେନାର ବୀରତ୍ୱକୁ ଲୋକସଭାରେ ପ୍ରଶଂସା କରାଯାଇଥିଲା । ଗୃହ ପକ୍ଷରୁ ଶହୀଦ ଯବାନମାନଙ୍କ ପ୍ରତି ସମ୍ମାନ ସ୍ୱରୂପ ସଦସ୍ୟମାନେ ନିରବ ପ୍ରାର୍ଥନା କରିଥିଲେ ।

**V/O (Birla Kargil)**

ବାଚସ୍ପତି ଓମ୍ ବିର୍ଲା ପ୍ରଶ୍ନକାଳ ଆରମ୍ଭ କରିବା ମାତ୍ରେ ବିରୋଧୀ ଦଳର ସଦସ୍ୟମାନେ ଗୃହର ମଧ୍ୟଭାଗକୁ ଆସି ବିହାର ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ଅଭିଯାନକୁ ପ୍ରତ୍ୟାହାର କରିବା ଦାବିରେ ହଟ୍ଟଗୋଳ କରିଥିଲେ ।

ବିରୋଧୀ ଦଳଗୁଡ଼ିକ ପ୍ରଶ୍ନକାଳ ଚଳାଇ ନଦେବା ଏବଂ ହଟ୍ଟଗୋଳ କରିବା ଗୃହର ମର୍ଯ୍ୟାଦା ନଷ୍ଟ କରୁଛି ବୋଲି ଶ୍ରୀ ବିର୍ଲା କହିଥିଲେ । ସେ କହିଥିଲେ, ଗତ କିଛିଦିନ ହେବ ଯୋଜନାବଦ୍ଧ ଭାବରେ ବିରୋଧୀଦଳ ଗୁଡ଼ିକ ଗୃହକାର୍ଯ୍ୟ ନ ଚଳାଇଦେବା ପାଇଁ ଉଦ୍ୟମ କରୁଛନ୍ତି ଏବଂ ସ୍ଲୋଗାନ ଦେବା ସହ ପ୍ଲାକାର୍ଡ ପ୍ରଦର୍ଶନ କରୁଛନ୍ତି । ଗଣତନ୍ତ୍ରରେ ଏଭଳି

ଆଚରଣ ଗ୍ରହଣୀୟ ନୁହେଁ ବୋଲି ସେ କହିଥିଲେ । ହଟ୍ଟଗୋଳ ମଧ୍ୟରେ ବାଚସ୍ପତି ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଥିଲେ ।

**V/O (Birla- Sadan)**

---

## ରାଜ୍ୟସଭା-ଆଡଜର୍ଣ୍ଣ

ରାଜ୍ୟସଭାରେ ଆଜି ବିଭିନ୍ନ ପ୍ରସଙ୍ଗ ନେଇ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଗୃହକୁ ମୁଲତବୀ ରଖାଯାଇଛି । ମଧ୍ୟାହ୍ନ ୧୨ଟାରେ ପ୍ରଥମ ମୁଲତବୀ ପରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଗୃହରେ ଅଧ୍ୟକ୍ଷତା କରୁଥିବା ଘନଶ୍ୟାମ ତିୱାରୀ ପ୍ରଶ୍ନକାଳ ଚଳାଇବା ଲାଗି ଚେଷ୍ଟା କରିଥିଲେ ମଧ୍ୟ ବିରୋଧୀ ଦଳଗୁଡ଼ିକ ସେମାନଙ୍କ ଦାବୀ ଉପସ୍ଥାପନ କରିବା ଲାଗି ହଟ୍ଟଗୋଳ ଆରମ୍ଭ କରିଥିଲେ । ଶ୍ରୀ ତିୱାରୀ ପ୍ରଶ୍ନକାଳ ଚଳାଇବା ଲାଗି ବିରୋଧୀ ସଦସ୍ୟମାନଙ୍କୁ ଆହ୍ୱାନ ଦେଇଥିଲେ ।

ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ଶିବରାଜ ସିଂ ଚୌହାନ କହିଥିଲେ, କୃଷକଙ୍କ କଲ୍ୟାଣ ସଂପର୍କିତ ପ୍ରସଙ୍ଗ ଆଲୋଚନା ହେବାକୁ ଥିବାରୁ ପ୍ରଶ୍ନକାଳ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶ୍ରୀ ଚୌହାନ କହିଥିଲେ ସେ ଉତ୍ତର ଦେବାକୁ ଚାହୁଁଥିଲେ ମଧ୍ୟ ବିରୋଧୀ ସଦସ୍ୟମାନେ ତାହା କରିବାକୁ ଦେଉନାହାନ୍ତି । ପରେ ଶ୍ରୀ ଚୌହାନ ବିକଶିତ କୃଷି ସଂକଳ୍ପ ଅଭିଯାନ ପ୍ରସଙ୍ଗରେ ବକ୍ତବ୍ୟ ଉପସ୍ଥାପନ କରିଥିଲେ । ତେବେ ହଟ୍ଟଗୋଳ ଜାରି ରହିବାରୁ  ଆଜି ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା ।

**V/O (Shivraj Chouwhan )**

ପୂର୍ବାହ୍ନ ୧୧ଟାରେ ରାଜ୍ୟସଭାରେ କାର୍ଯ୍ୟ ଆରମ୍ଭ ହେବା ପରେ ତାମିଲନାଡୁରୁ ରାଜ୍ୟସଭାକୁ ପ୍ରତିନିଧିତ୍ୱ କରୁଥିବା ସଦସ୍ୟମାନଙ୍କୁ ଶପଥପାଠ କରାଯାଇଥିଲା । ମକଲ ନିଧି ମୟମ୍ ମୁଖ୍ୟ ଏବଂ ଜଣାଶୁଣା ଅଭିନେତା କମଲ ହାସନ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଅନ୍ୟପକ୍ଷରେ ଡିଏମକେର ରାଜାଥୀ, ଏସ୍ଆର ଶିବଲାଙ୍ଗମ ଏବଂ ପି.ୱିଲସନ୍ ମଧ୍ୟ ରାଜ୍ୟସଭାର ସଦସ୍ୟ ଭାବେ ଶପଥ ଗ୍ରହଣ କରିଛନ୍ତି । ଶପଥପାଠ କାର୍ଯ୍ୟକ୍ରମ ପରେ ରାଜ୍ୟସଭା ଉପାଧ୍ୟକ୍ଷ ହରିବଂଶ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ୨୮ଟି ସ୍ଥଗିତାଦେଶ ନୋଟିସ୍ ପାଇଥିବା ପ୍ରକାଶ କରିଥିଲେ । ସେହିସବୁ ନୋଟିସ୍‌ଗୁଡ଼ିକୁ ସେ ପ୍ରତ୍ୟାଖ୍ୟାନ କରିଥିବା ମଧ୍ୟ କହିଥିଲେ । ଗୃହରେ ଶାନ୍ତି ବଜାୟ ରଖିବା ସହ ଗୃହକାର୍ଯ୍ୟରେ ଭାଗ ନେବାକୁ ସେ ବିରୋଧୀ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ତେବେ ଶୂନ୍ୟକାଳରେ ବିରୋଧୀଦଳ ସଦସ୍ୟମାନଙ୍କ ସ୍ଲୋଗାନ ଓ ହଙ୍ଗାମା ଯୋଗୁଁ ଗୃହକାର୍ଯ୍ୟକୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଥିଲା ।

---

## ପ୍ରେଜ୍-ପିଏମ୍ : ରାଜସ୍ଥାନ ସ୍କୁଲ୍

ରାଜସ୍ଥାନର ଝାଲାୱାର ରେ ଏକ ସ୍କୁଲ୍ ଛାତ ଭୁଶୁଡ଼ି ପଡ଼ିବା ଫଳରେ ଛାତ୍ରଛାତ୍ରୀଙ୍କ ଦୁଃଖଦ ମୃତ୍ୟୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗଭୀର ଶୋକ ପ୍ରକାଶ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ରାଷ୍ଟ୍ରପତି ଶୋକସନ୍ତପ୍ତ ପରିବାର ଗୁଡ଼ିକୁ ସମବେଦନା ଜଣାଇବା ସହ ଦୁର୍ଘଟଣାରେ ଆହତ ଛାତ୍ରଛାତ୍ରୀଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ଦୁଃଖଦ ବୋଲି ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଏହି

ଘଟଣାରେ ସରକାର ସମସ୍ତ ସହାୟତା ଯୋଗାଇ ଦେଉଛନ୍ତି । ଶ୍ରୀ ମୋଦୀ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି ।

---

# ପିଏମ୍-ମାଲଦୀପ୍ସ ଆରାଇଭାଲ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ମାଳଦୀପର ମାଲେ ରେ ପହଞ୍ଚିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀଙ୍କ ମାଳଦୀପକୁ ଏହା ତୃତୀୟ ଗସ୍ତ ହୋଇଥିବା ବେଳେ ଡକ୍ଟର ମହମ୍ମଦ ମୁଇଜୁଙ୍କ ରାଷ୍ଟ୍ରପତିତ୍ୱ ସମୟରେ କୌଣସି ରାଷ୍ଟ୍ରମୁଖ୍ୟଙ୍କ ଏହା ମାଳଦୀପକୁ ପ୍ରଥମ ଗସ୍ତ । ପ୍ରଧାନମନ୍ତ୍ରୀ ମୋଦୀ ମାଲେରେ ପହଞ୍ଚିବା ପରେ ବିମାନ ବନ୍ଦରରେ ରାଷ୍ଟ୍ରପତି ଡକ୍ଟର ମୁଇଜୁ ତାଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, ଭାରତ-ମାଳଦୀପ ବନ୍ଧୁତା ଆଗାମୀ ଦିନରେ ବିକାଶର ନୂତନ ଶିଖର ସ୍ପର୍ଶ କରିବ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମାଲେର ଭେଲାନା ଅନ୍ତର୍ଜାତୀୟ ବିମାନ ବନ୍ଦରରେ ମାଳଦୀପ ନାଗରିକମାନେ ବିଭିନ୍ନ ସାଂସ୍କୃତିକ ପ୍ରଦର୍ଶନ ସହ ସ୍ୱାଗତ କରିଥିଲେ । ବହୁସଂଖ୍ୟାରେ ପ୍ରବାସୀ ଭାରତୀୟମାନେ ମଧ୍ୟ ବିମାନ ବନ୍ଦର ବାହାରେ ଉପସ୍ଥିତ ରହି ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଭାରତର କୁନିକୁନି ପିଲାମାନେ ଛଉ ନୃତ୍ୟ ପ୍ରଦର୍ଶନ କରିଥିଲେ ।

ଆଜି ଅପରାହ୍ନରେ ପ୍ରଧାନମନ୍ତ୍ରୀ ମୋଦୀ ଓ ରାଷ୍ଟ୍ରପତି ଡକ୍ଟର ମୁଇଜୁଙ୍କ ମଧ୍ୟରେ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା ହେବ । ଆଲୋଚନାକାଳରେ ବ୍ୟାପକ ଅର୍ଥନୈତିକ ଏବଂ

ସାମୁଦ୍ରିକ ସୁରକ୍ଷା ସହଭାଗିତା ପାଇଁ ଉଭୟ ଦେଶ ପକ୍ଷରୁ ଚାଲିଥିବା କାର୍ଯ୍ୟ ସଂପର୍କରେ ମଧ୍ୟ ସମୀକ୍ଷା କରାଯିବ । ଉଭୟ ଦେଶ ମଧ୍ୟରେ ଅନେକଗୁଡ଼ିଏ ବୁଝାମଣାପତ୍ର ସ୍ୱାକ୍ଷର ହେବାର ସମ୍ଭାବନା ରହିଛି । ଏ ସଂପର୍କରେ ଏକ ରିପୋର୍ଟ :

**V/O (Jiban Bhabswar)**

## ଏମ୍ଆଇବି-ବ୍ଲକିଂ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ଏକ ବିଜ୍ଞପ୍ତି ଜରିଆରେ ଇଣ୍ଟରନେଟ୍ ସେବା ପ୍ରଦାନକାରୀ ଗୁଡ଼ିକ ଭାରତରେ ନିଷିଦ୍ଧ ସାମଗ୍ରୀର ପ୍ରଚାର ପ୍ରସାର କରୁଥିବା ୨୫ଟି ୱେବ୍‌ସାଇଟ୍‌କୁ ବନ୍ଦ କରିବା ଲାଗି ନିର୍ଦ୍ଦେଶ ଦେଇଛି । ସୂଚନା ପ୍ରଯୁକ୍ତି ବିଦ୍ୟା ଆଇନର ଧାରା ଅନୁଯାୟୀ ଏହି ନିଷ୍ପତ୍ତି ନିଆଯାଇଛି । ନିଷ୍ପତ୍ତି ଅନୁଯାୟୀ ସଂପୃକ୍ତ ୱେବ୍‌ସାଇଟ୍ ଗୁଡ଼ିକ ମହିଳାଙ୍କ ସମ୍ମାନହାନି କଲାଭଳି ବିଭିନ୍ନ ସାମଗ୍ରୀ ଗୁଡ଼ିକର ପ୍ରଚାର ପ୍ରସାର କରୁଛନ୍ତି । ଭାରତୀୟ ନ୍ୟାୟ ସଂହିତାର ଧାରା ୨୯୪କୁ ଉଲ୍ଲଂଘନ କରୁଥିବା ଅଭିଯୋଗରେ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି ।

## ଏସ୍‌ସି-ଡିଲିମିଟେସନ୍ ପ୍ଲି

ସୁପ୍ରିମକୋର୍ଟ ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନା ରାଜ୍ୟରେ ବିଧାନସଭା ଆସନ ସଂଖ୍ୟା ବୃଦ୍ଧି କରିବା ନିମନ୍ତେ ସୀମା ନିର୍ଦ୍ଧାରଣ ପ୍ରକ୍ରିୟା ଆରମ୍ଭ କରିବା ପାଇଁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେବା ସଂକ୍ରାନ୍ତ ଆବେଦନକୁ ଖାରଜ କରିଛନ୍ତି । ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ୍.କୋଟିସ୍ୱରସିଙ୍ଗମ୍‌ଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି । ଆନ୍ଧ୍ରପ୍ରଦେଶ ପକ୍ଷରୁ ପୁନର୍ଗଠନ ଆଇନର ଧାରା ୨୬କୁ କାର୍ଯ୍ୟକାରୀ କରିବା ଲାଗି କେନ୍ଦ୍ରକୁ ନିର୍ଦ୍ଦେଶ ଦେବାକୁ ଦାବି ହୋଇଥିଲା ।

ଆନ୍ଧ୍ରପ୍ରଦେଶ ଏବଂ ତେଲଙ୍ଗାନାକୁ ବାଦ୍ ଦେଇ କେବଳ କେନ୍ଦ୍ରଶାସିତ ଅଞ୍ଚଳ ଜମ୍ମୁ ଏବଂ କାଶ୍ମୀରର ବିଧାନସଭା ଓ ସଂସଦୀୟ କ୍ଷେତ୍ରଗୁଡ଼ିକର ସୀମା ନିର୍ଦ୍ଧାରଣ କରିବା ଅସାମ୍ବିଧାନିକ ବୋଲି ଦର୍ଶାଯାଇଥିଲା ।

## ସିଆଇଆଇ-ଇଣ୍ଡିଆ-ୟୁକେ-ଏଫ୍‌ଟିଆଇ

ଭାରତୀୟ ଶିଳ୍ପ ମହାସଂଘ, ଭାରତ-ଯୁକ୍ତରାଜ୍ୟ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷରକୁ ସ୍ୱାଗତ କରିଛି । ଉଭୟ ଦେଶ ମଧ୍ୟରେ ଆର୍ଥିକ ସମ୍ପର୍କକୁ ଆହୁରି ଦୃଢ଼ କରିବା ସହ ଏହି ଚୁକ୍ତି ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମହାସଂଘ କହିଛି । ଭାରତୀୟ ଏଣ୍ଟରପ୍ରାଇଜେସ୍‌ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ତଥା ଭାରତୀୟ ଶିଳ୍ପ ମହାସଂଘ ଦ୍ୱାରା ଆୟୋଜିତ ଭାରତ-ଯୁକ୍ତରାଜ୍ୟ ଫୋରମ୍‌ର ସହ ଅଧ୍ୟକ୍ଷ ସୁନୀଲ ଭାରତୀ ମିତଲଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀଙ୍କ ସହ ଯାଇଥିବା ୧୬ ଜଣିଆ ଶିଳ୍ପ ପ୍ରତିନିଧି ଦଳ ମୁକ୍ତ ବାଣିଜ୍ୟ ଚୁକ୍ତିକୁ ସ୍ୱାଗତ କରିଛି । ଏହି ଅବସରରେ ଶ୍ରୀ ମିତଲ କହିଛନ୍ତି, ଉଭୟ ଦେଶ ମଧ୍ୟରେ ବାଣିଜ୍ୟିକ ଚୁକ୍ତି ନବସୃଜନକୁ ପ୍ରୋତ୍ସାହିତ କରିବା ସହ ଦୁଇ ଦେଶ ମଧ୍ୟରେ ନିବେଶ ବୃଦ୍ଧି ପାଇବ । ଉଭୟ ଦେଶ ମଧ୍ୟ ବ୍ୟବସାୟ କ୍ଷେତ୍ରରେ ଅଧିକ ଲାଭବାନ ହେବେ ।

ଅନ୍ୟ ପକ୍ଷରେ ଶିଳ୍ପ ପ୍ରତିନିଧି ଦଳ ଡିଜିଟାଲ୍ ପରିବର୍ତ୍ତନ ଓ ପ୍ରଯୁକ୍ତିବିଦ୍ୟା, ସ୍ୱଚ୍ଛଶକ୍ତି, ସ୍ୱାସ୍ଥ୍ୟ, ସ୍ଥାୟିତ୍ୱ ଏବଂ ଜଳବାୟୁ କ୍ଷେତ୍ରରେ ଅଧିକ ସୁଯୋଗ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେଠାକାର ବରିଷ୍ଠ ଅଧିକାରୀ ଏବଂ ଶୀର୍ଷ ପରିଚାଳନା ନିର୍ଦ୍ଦେଶକମାନଙ୍କ ସହ ଯୋଗାଯୋଗ କରିଛନ୍ତି ।

ମହାସଂଘ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁଯାୟୀ ବର୍ତ୍ତମାନ ୯୭୦ରୁ ଅଧିକ ଭାରତୀୟ କମ୍ପାନୀ ସେଠାରେ କାର୍ଯ୍ୟ କରୁଛନ୍ତି । ଯାହା ନିଯୁକ୍ତି,

କର୍ପୋରେଟ୍ ଟିକସ ଯୋଗଦାନ ଏବଂ ସ୍ଥାନୀୟ ଅର୍ଥନୀତିର ଅଭିବୃଦ୍ଧିରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି । ଏହି ଚୁକ୍ତି ସ୍ୱାକ୍ଷରିତ ହେବା ଫଳରେ ଆସନ୍ତା ୨୦୩୦ ମସିହା ସୁଦ୍ଧା ଦ୍ୱିପାକ୍ଷିକ ବାଣିଜ୍ୟ ୧୨୦ ବିଲିୟନ୍ ଡଲାର୍ ଅତିକ୍ରମ କରିବ ବୋଲି କୁହାଯାଇଛି ।

ସୂଚନା ଅନୁଯାୟୀ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ହେଉଛି, ଏକ ସାମାଜିକ ସୁରକ୍ଷା ଚୁକ୍ତିନାମା ଯେଉଁଥିରେ ଭାରତୀୟ ବୃତ୍ତିଗତମାନଙ୍କୁ ୩ ବର୍ଷ ପର୍ଯ୍ୟନ୍ତ ଯୁକ୍ତରାଜ୍ୟରେ କାମ କରିବା ସମୟରେ ନିଜ ଦେଶ ପ୍ରତି ଅବଦାନ ଦେଇପାରିବେ । ଶିଳ୍ପ ମହାସଂଘର ମହାନିର୍ଦ୍ଦେଶକ ଚନ୍ଦ୍ରଜିତ ବାନାର୍ଜୀ କହିଛନ୍ତି, ଏହି ଚୁକ୍ତି ଉଭୟ ଦେଶର ପରବର୍ତ୍ତୀ ପିଢ଼ିକୁ ସହଭାଗିତା ଲାଗି ନୂଆ ପ୍ଲାଟ୍‌ଫର୍ମ ପ୍ରଦାନ କରିବ ।

## ଇସି-ଏସ୍‌ଆଇଆର୍ ବିହାର

ନିର୍ବାଚନ ଆୟୋଗ କହିଛନ୍ତି, ବିହାରରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଏ ପର୍ଯ୍ୟନ୍ତ ୯୯ ପ୍ରତିଶତ ଭୋଟର ସାମିଲ ହୋଇଛନ୍ତି । ବ୍ଲକ୍ ସ୍ତରୀୟ ଅଧିକାରୀମାନଙ୍କଠାରୁ ହସ୍ତଗତ ହୋଇଥିବା ତଥ୍ୟ ଅନୁଯାୟୀ ୧ ଲକ୍ଷ ଭୋଟରଙ୍କ କୌଣସି ପତ୍ତା ମିଳୁନାହିଁ । କମିଶନ୍ କହିଛନ୍ତି, ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ ସମୟରେ ମିଳିଥିବା ତଥ୍ୟ ଅନୁଯାୟୀ ମୋଟ୍ ଭୋଟରଙ୍କ ମଧ୍ୟରୁ ୨୧ ଲକ୍ଷ ୬୦ ହଜାର ଭୋଟରଙ୍କ ମୃତ୍ୟୁ ଘଟିଥିବା ବେଳେ ୩୧ ଲକ୍ଷ ୫୦ ହଜାର ଭୋଟର ସେମାନଙ୍କ ବାସସ୍ଥାନ ପରିବର୍ତ୍ତନ କରିଛନ୍ତି ଓ ୭ ଲକ୍ଷ ଭୋଟର ୧ରୁ ଅଧିକ ସ୍ଥାନରେ ପଞ୍ଜୀକରଣ କରିଛନ୍ତି । ଏହି ଅଭିଯାନରେ ଘରକୁ ଘର ଯାଇ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଯାଞ୍ଚ୍ କରୁଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପାଖାପାଖି ୭ ଲକ୍ଷ ଭୋଟରଙ୍କ ଠାରୁ ମତଦାତା ଫର୍ମ ମିଳିପାରି ନାହିଁ । ଅନ୍ୟ ପକ୍ଷରେ ନିର୍ବାଚନ କମିଶନ୍ କହିଛନ୍ତି, ଭୋଟର ତାଲିକାରେ କୌଣସି ଭୋଟରଙ୍କ ନାମ ନଥିବା ନେଇ ଯେକୌଣସି ରାଜନୈତିକ ଦଳ କିମ୍ବା

ଅନ୍ୟ ଭୋଟର ଅଭିଯୋଗ ଦାୟାର କରିପାରିବେ । ଆସନ୍ତା ଅଗଷ୍ଟ ୧ ତାରିଖରେ ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ ପାଇବାକୁ ଥିବା ବେଳେ ଆସନ୍ତା ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଅଭିଯୋଗ ଦାୟାର କରାଯାଇ ପାରିବ ବୋଲି ନିର୍ବାଚନ କମିଶନ୍ କହିଛନ୍ତି ।

## କ୍ରିକେଟ୍ ଟେଷ୍ଟ-ଇଣ୍ଡିଆ-ଇଂଲଣ୍ଡ

ମାଞ୍ଚେଷ୍ଟରର ଓଲ୍ଡ ଟ୍ରାଫଡ୍ ଠାରେ ଚାଲିଥିବା ଆଣ୍ଡରସନ୍-ତେନ୍ଦୁଲକର ଟ୍ରଫିର ଚତୁର୍ଥ ଟେଷ୍ଟ ମ୍ୟାଚ୍‌ର ଆଜି ତୃତୀୟ ଦିନରେ ଇଂଲଣ୍ଡ ଗତକାଲିର ସ୍କୋର ୨୨୫ରନ୍ ଓ ୨ ୱିକେଟ୍‌ରୁ ବ୍ୟାଟିଂ ଆରମ୍ଭ କରିବ । ଆୟୋଜକ ଇଂଲଣ୍ଡ ଭାରତ ଠାରୁ ୧୩୩ରନ୍ ପଛରେ ରହିଛି । ଭାରତ ପ୍ରଥମ ଇନିଂସରେ ୩୫୮ରନ୍ ସ୍କୋର କରିଥିଲା । ଭାରତର ରିଷଭ୍ ପନ୍ଥ ୫୪ ଏବଂ ସାର୍ଦ୍ଦୁଲ୍ ଠାକୁର ୪୧ରନ୍ ସ୍କୋର କରିଥିଲେ । ଏହି ପାଞ୍ଚଟିକିଆ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨ଟି ମ୍ୟାଚ୍ ଜିତି ଆଗରେ ଥିବା ବେଳେ ଭାରତ ଗୋଟିଏ ମ୍ୟାଚ୍ ଜିତିବାରେ ସକ୍ଷମ ହୋଇଛି ।